

# ଅଳେଇଚ ଚାଷ



All India Coordinated Research Project on Spices,
High Altitude Research Station
(Orissa University of Agriculture & Technology) Pottangi

ସର୍ବ ଭାରତୀୟ ମସଲା ଗବେଷଣା ପ୍ରକଳ୍ପ,
ଉଚ୍ଚପଉନ ଗବେଷଣା କେନ୍ଦ୍ର
(ଓଡ଼ିଶା କୃଷି ଓ ବୈଷୟିକବିଶ୍ୱବିଦ୍ୟାଳୟ) ପଟ୍ଟାଙ୍ଗୀ

ଲେଖକ :
ଡଃ ପର୍ଶୁରାମ ଶିଅଳ
ଡଃ ନିରଞ୍ଜନ ସେନାପତି
ଡଃ ପ୍ରେମ୍ ନାରାୟଣ ଜଗ୍‌ଦେବ
ସମ୍ପାଦନା :
ଡଃ ପର୍ଶୁରାମ ଶିଅଳ
ପ୍ରକାଶକ :
ଉଚ୍ଚ ପଉନ ଗବେଷଣା କେନ୍ଦ୍ର, ପଟାଙ୍ଗୀ
ମୁଦ୍ରଣ :
ସାଇ ଅଫସେଟ ପ୍ରିଣ୍ଟସ୍, ଜୟପୁର
ଫୋନ୍.: ୯୪୩୭୧୦୯୬୨୮

By :
**Dr. Parshuram Sial**
**Dr. Niranjan Senapati**
**Dr. Prem Narayan Jagdeva**
Editor :
**Dr. Parshuram Sial**
Published by :
**High Altitude Research Station, Pottangi**
Prined by :
**Sai Offset Printers, Jeypore**
Ph. : 9437109628

# ଛୋଟ ଅଳେଇଚ ଚାଷ ପ୍ରଣାଳୀ

ଛୋଟ ଅଳେଇଚ (Small Cardamom) କୁ ମସଲାମାନଙ୍କ ରାଣୀ ଆଖ୍ୟା ଦିଆଯାଇଥାଏ । ଭାରତରେ ଏହା ସମଲାମାନଙ୍କର ମଧ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି । ବର୍ତ୍ତମାନ ଗୁଆଟିମାଲାରେ ଏହି ଫସଲ ସର୍ବାଧିକ ପରିମାଣରେ ଉତ୍ପାଦିତ ହୋଇ ଆନ୍ତର୍ଜାତିକ ବଜାରରେ ବେଶ୍ ଖ୍ୟାତି ଅର୍ଜନ କରିଛି । ମୁଖ୍ୟ ଅଳେଇଚ ଚାଷ କରୁଥିବା ଦେଶମାନଙ୍କ ମଧ୍ୟରେ ତାଞ୍ଜାନିୟା, ଶ୍ରୀଲଙ୍କା, ଏଲ୍ ସାଲ୍ ଭାଦୋର, ଭିଏତ୍‌ନାମ, ଲାଓସ୍, କାମ୍ବୋଡିଆ ଓ ପପୁଆ ନିଉଗିନି ଅନ୍ତର୍ଭୁକ୍ତ ଅଟନ୍ତି । ଆମ ଦେଶରେ କେରଳ, କର୍ଣ୍ଣାଟକ ଓ ତାମିଲ୍‌ନାଡୁରେ ଏହା ଚାଷ ହୋଇଥାଏ । ପ୍ରାୟତଃ ଆମ ଦେଶରେ ୬୯୯୭୦ ହେକ୍ଟର ଜମିରେ ଚାଷ ହୋଇ ବାର୍ଷିକ ୧୬୦୦୦୦ କ୍ୱିଣ୍ଟାଲ୍ ଛୋଟ ଅଳେଇଚ ଉତ୍ପାଦିତ ହୋଇଥାଏ । (କୃଷି ମନ୍ତ୍ରାଳୟ ଭାରତ ସରକାର ୨୦୧୩-୨୦୧୪) ।

ଏହାକୁ କେତେ ଛୋଟ ଅଳେଇଚ କହୁଥିଲେ ମଧ୍ୟ ଏହା ପ୍ରକୃତ ଅଳେଇଚ ଅଟେ । ସ୍ଥାନ ବିଶେଷରେ ଓଡିଶାରେ ଏହାକୁ ଗୁଜୁରାତି କହିଥାନ୍ତି । ପ୍ରାକୃତିକ ଭାବେ ଭାରତରେ ଏହା ପଶ୍ଚିମଘାଟ ପାର୍ବତ୍ୟାଞ୍ଚଳରେ ଏହା ଦେଖାଯାଇଥାଏ । ଓଡିଶାରେ କୋରାପୁଟ ଓ କନ୍ଧମାଳରେ ପାର୍ବାତ୍ୟାଞ୍ଚଳରେ ଏହି ଚାଷ ସୀମିତ ।

ଉଦ୍ଭିଦ ପରିଚୟ :- ଅଳେଇଚ ଏକ ଡେଙ୍ଗା ବହୁବର୍ଷୀୟ ତୃଣଜାତୀୟ ଉଦ୍ଭିଦ ଅଟେ । ମାଟି ତଳର କନ୍ଦାରୁ ଅନେକ ପତ୍ରରିଆ କାଣ୍ଡ ବାହାରିଥାଏ । କନ୍ଦାଗୁଡିକ ବଳିଷ୍ଠ କାଠୁଆ ଭୂମି ସହ ସମାନ୍ତର ଭାବେ ବଢୁଥାଏ ଏବଂ ସେଥିରୁ ବାହାରୁଥିବା ଚେର ଗୁଡିକ ମାଟିର ଉପର ସ୍ତରରେ ବିସ୍ତାର ଲାଭ କରିଥାଏ । ୨ ରୁ ୫ ମି. ବିଶିଷ୍ଟ ପତ୍ରାଚ୍ଛାଦ ଦ୍ୱାରା ଗଠିତ କାଣ୍ଡଗୁଡିକ ୧୦ ରୁ ୨୦ ସଂଖ୍ୟାରେ ଘଞ୍ଚ ବୁଦା ଆକାରରେ ରହିଥାନ୍ତି । ପତ୍ରଗୁଡିକ ବର୍ଚ୍ଛାକାର, ପ୍ରଲମ୍ବାଗ୍ର, ଗାଢ ସବୁଜ ରଙ୍ଗର । ଉପର ଭାଗ ଚିକ୍କଣ ଓ ତଳଭାଗ ସମୟେ ସମୟେ ମୃଦୁ ଲୋମଶ ହୋଇଥାଏ । ପୁଷ୍ପକାଣ୍ଡ ବା ସ୍ତବକ କାଣ୍ଡର ମୂଳଭାଗରୁ ବାହାରିଥାଏ । ଏହି ସ୍ତବକ ଅବସ୍ଥିତ ଅନୁଯାୟୀ ଅଳେଇଚକୁ ୩ ଭାଗରେ ବିଭକ୍ତ କରାଯାଇଥାଏ, ଯଥା :- ମାଲାବର (ତଳକୁ ଝୋଲିଥାଏ), ମହୀଶ୍ୱର (ଉପରକୁ ଠିଆ

ହୋଇଥାଏ), ଭାଜୁକା ପ୍ରଜାତି (ଭୂମି ସହିତ ସମାନ୍ତରାଳ) । ୧-୩ ଟି କିମ୍ବା ଅଧିକ ଫୁଲ ସ୍ତବକ ଗୁଡିକର ପାର୍ଶାରୋହୀ ଉପପତ୍ରରୁ ବହାରି ଥାନ୍ତି । ଉଭୟ ଲିଙ୍ଗୀ ଫୁଲଗୁଡିକ ବାସ୍ନାଯୁକ୍ତ ସ୍ତବକରେ ଏକାନ୍ତର ଭାବେ ସୃଷ୍ଟି ହୋଇଥାନ୍ତି । ଏଗୁଡିକ ଇଷତ୍ ସବୁଜ କିମ୍ବା ଧଳାରେ ନାଲିଗାର ଥାଇ ହୋଇଥାନ୍ତି । ଫଳଗୁଡିକ ୩ କୋଠରୀ ବିଶିଷ୍ଟ ସ୍ଫୋଟକ, କୋଣାକାର କିମ୍ବା ଗୋଲାକାର, ଇଷତ ସବୁଜରୁ ହଳଦିଆ ରଙ୍ଗର ଅଟେ । ୧୫ ରୁ ୨୦ ଟି ଲେଖାଏଁ ମଞ୍ଜି ଗୋଟିଏ ଗୋଟିଏ ଫଳରେ ଥାଏ । ମଞ୍ଜିଗୁଡିକ ଗାଢ ବାଦାମୀରଙ୍ଗର, ୩ ମି.ମି. ଆକାରରେ ବାସ୍ନାଯୁକ୍ତ, କୋଣାକାର ଏବଂ କ୍ଲେଦିଲ ବୀଜ ଚୋଲ ବିଶିଷ୍ଟ ଅଟେ ।

**ଉପାଦେୟତା :-** ମସଲା ଭାବରେ ଅଳେଇଚ ମଞ୍ଜିକୁ ରୋଷେଇ ଖାଦ୍ୟ ପଦାର୍ଥ ତିଆରିରେ ବ୍ୟବହାର କରାଯାଏ । ଅଳେଇଚର ଔଷଧୀୟ ଗୁଣ ଯୋଗୁଁ ଏହାକୁ ବ୍ୟବହାର କରି ତରଳ ଝାଡା, ମୂତ୍ରକୃଚ୍ଛ, ନାଳରକ୍ତଝାଡା, ପାଟିର ଦୁର୍ଗନ୍ଧ ରୋଗର ନିୟନ୍ତ୍ରଣ କରାଯାଇପାରେ । ଦିନକୁ ଗୋଟିଏ କରି ଅଳେଇଚକୁ ଏକ ଚାମଚ ମହୁସହିତ ମିଶାଇ ଖାଇଲେ ଦୃଷ୍ଟି ଶକ୍ତି ବଢିଥାଏ । ସ୍ନାୟବିକ ଦୁର୍ବଳତା ଦୁରକରେ ଏବଂ ସୁସ୍ଥ ସବଳତା ପ୍ରଦାନ କରିଥାଏ । ଏଥିରେ ଫିମ୍ପିମାରକ ଗୁଣ ରହିଛି ।

**ଜଳବାୟୁ :-** ଅଳେଇଚ ସମୁଦ୍ର ପଉନ ଠାରୁ ୬୦୦ ରୁ ୧୫୦୦ ମିଟର ଉଚ୍ଚତା ଏବଂ ୧୫୦୦ ରୁ ୫୦୦୦ ମିଲି ମିଟର ବାର୍ଷିକ ବୃଷ୍ଟିପାତ ସହ ୧୦ ରୁ ୩୫° ସେଲସିୟସ୍ ତାପମାତ୍ରା ଅନୁଭୂତ ହେଉଥିବା ଅଞ୍ଚଳରେ ଭଲଭାବେ ବଢିପାରେ । ସମବର୍ଣ୍ଣିତ ଅଧିକ ସମୟ ଧରି ବୃଷ୍ଟିପାତ ଅଞ୍ଚଳରେ ଅଧିକ ଅମଳ ଦେଇଥାଏ । ଉଚ୍ଚାଞ୍ଚଳରେ ଏହା ବଢିବାକୁ ଅଧିକ ସମୟ ନିଏ । ଏହାର ଅଧିକ ବୃଦ୍ଧିପାଇଁ ଉଷ୍ଣ ଓ ଆର୍ଦ୍ର ଘଞ୍ଚଛାୟା ଚିର ହରିତ୍ ଅରଣ୍ୟ ସବୁଠାରୁ ଉତ୍କୃଷ୍ଟ । ଏହା ପବନ ଓ ମରୁଡ଼ି ସହିପାରେ ନାହିଁ ।

**ମୃତ୍ତିକା :-** ଅଳେଇଚ ସାଧାରଣତଃ ଜଙ୍ଗଲ ଦୋରସା ମାଟି, ୫ ରୁ ୬.୫ ଅମ୍ଳତାରେ ଭଲ ବଢେ । ଅଳେଇଚ ଚାଷ ହେଉଥିବା ମୃତ୍ତିକାରେ ଉପଲବ୍ଧ ହେଉଥିବା ପଟାସ୍ ଓ ଫସ୍ଫରସ୍ କମ୍ ପରିମାଣରେ ଥାଏ । ମୃତ୍ତିକା ଗଭୀର ହୋଇଥିବ, ଅଧିକ ଜୈବିକ ପଦାର୍ଥଥିବା ଓ ଭଲ ଭାବରେ ନିଗିଡା ଥିବା ଉଚିତ୍ । ଅଧିକ ଅମ୍ଳମାଟି ହୋଇଥିଲେ ହେକ୍ଟର ପ୍ରତି ୫ ର ୭.୫ କୁଇଣ୍ଟାଲ୍ ଚୂନ ପ୍ରୟୋଗ କରିବା ଉଚିତ୍ ।



ଏହା ସାଧାରଣତଃ ଗଛ ଛାଇତଳେ ବଢିଥାଏ । ଗଛ ଲଗାଇବାର ୩ୟ ବର୍ଷଠାରୁ ଅମଳ ଦେବା ଆରମ୍ଭ କରେ । ଏହା ସାଧାରଣତଃ ପରପରାଗ ସଂଗମୀ ହୋଇଥିବାରୁ ଏହାର ଅମଳ ବୃଦ୍ଧି ମହୁମାଛି ଉପରେ ନିର୍ଭର କରିଥାଏ । ଗଛ ଲଗାଇବାର ୨୦ ରୁ ୨୨ ମାସ ପରେ ଏହି ଗଛଟି ପରିପକ୍ୱ ହୋଇଥାଏ । ଏହି ଗଛଟି ୮ ରୁ ୧୨ ବର୍ଷ ପର୍ଯ୍ୟନ୍ତ ଅଧିକ ଅମଳ ଦେଇଥାଏ । ଏହା ସାଧାରଣତଃ ୩୦ ବର୍ଷରୁ ଉର୍ଦ୍ଧ ପର୍ଯ୍ୟନ୍ତ ବଞ୍ଚିପାରେ । ବର୍ଷସାରା ପିଲ ଦେଉଥିଲେ ମଧ୍ୟ ଜାନୁଆରୀ ଠାରୁ ମାର୍ଚ୍ଚ ପର୍ଯ୍ୟନ୍ତ ଅଧିକ ଦେଇଥାଏ । ଫୁଲର ସ୍ତବକ ନଭେମ୍ବର ଠାରୁ ମାର୍ଚ୍ଚ ମଧରେ ବାହାରିଥାଏ । ଫୁଲ ଫୁଟିବା ସାଧାରଣତଃ ଫେବୃଆରୀ ଠାରୁ ଆରମ୍ଭ ହୋଇ ଅକ୍ଟୋବର ପର୍ଯ୍ୟନ୍ତ ହୋଇଥାଏ । ବେଶି ଫୁଲ ମେ ମାସଠାରୁ ଅଗଷ୍ଟ ପର୍ଯ୍ୟନ୍ତ ଫୁଟିଥାଏ । ଫୁଲରୁ ଫଳ ଧାରଣ କରିବାର ୯୦ ରୁ ୧୨୦ ଦିନ ପରେ ଫଳ ପରିପକ୍ୱ ହୋଇଥାଏ ।

**କିସମ :-** ଅଳେଇଚର ଗଛର ବୃଦ୍ଧି, ଆକାର ଓ ଆକୃତି, ସ୍ତବକ ଅବସ୍ଥିତି ଓ ଫଳର ଆକାର ଅନୁଯାୟୀ ଏହାକୁ ୩ ପ୍ରଜାତିରେ ବିଭକ୍ତ କରାଯାଇଛି, ଯଥା:- ମହୀଶୂର, ମାଲାବର ଓ ଭାଜୁକା ଇତ୍ୟାଦି ।

| ଗୁଣ | ମାଲାବର | ମହୀଶୂର | ଭାଜୁକା |
|---|---|---|---|
| ୧.ପରିପକ୍ୱ ଗଛର ଉଚ୍ଚତା | ୨-୩ ମି. | ୩-୪ ମି. | ୩ ମି. |
| ୨.ପତ୍ର | ପତ୍ରର ଉପରପାଖ ଲୋଶମ | ପତ୍ରର ଉଭୟ ପାର୍ଶ୍ୱ ଲୋଶମ | ପତ୍ର ସବୁଜ ବର୍ଣ୍ଣର ଅଟେ । |
| ୩.ଫୁଲର ସ୍ତବକ ଅବସ୍ଥିତି | ମାଟିକୁ ଲଗିଥାଏ (ଭୂଶାୟୀ) | ଉପରମୁହାଁ ହୋଇଥାଏ । | ଭୂମି ସହିତ ସମାନ୍ତରାଳ ହୋଇଥାଏ । |
| ୪.ପରିପକ୍ୱ ଫଳ | ଗୋଲାକାର ହଳଦିଆ | ବଡ଼ ଅଣ୍ଡାକୃତି ଓ ସବୁଜ | ବଡ଼ ଅଣ୍ଡାକୃତି, ହଳଦିଆ |
| ୫.ସମୁଦ୍ର ପଉନ ଠାରୁ ଚାଷ ଜମିର ଅବସ୍ଥିତି | ୫୦୦-୧୨୦୦ ମି. ମଧରେ ଚାଷ ହୋଇପାରେ | ୪୦୦-୧୨୦୦ ମି. ମଧରେ ଚାଷ ହୋଇପାରେ | ୪୦୦-୧୨୦୦ ମି. ମଧରେ ଚାଷ ହୋଇପାରେ |

ଅଳେଇଚର ଉନ୍ନତ କିସମ ମଧ୍ୟରେ ମୁଡିଗିରି-୧, ମୁଡିଗିରି - ୨, ପି.ଭି. - ୧, ସି.ସି.ଏସ୍ - ୧, ଏସ.କେ. ପି.- ୧୪, ଆଇ.ସି.ଆର୍.ଆଇ - ୧, ଆଇ.ସି.ଆର୍.ଆଇ -୨, ଆଇ.ସି.ଆର୍.ଆଇ -୩, ଆଇ.ସି.ଆର୍.ଆଇ -୪, ଆଇ.ସି.ଆର୍.ଆଇ -୫, ଆଇ.ସି.ଆର୍.ଆଇ -୬, ପି.ଭି. - ୨, ଆଇ.ସି.ଆର୍.ଆଇ ସୁଭାଶିନି, ଆଇ.ସି.ଆର୍.ଆଇ - ଅଭିନାଶ ଇତ୍ୟାଦି ପ୍ରଧାନ । ଏଗୁଡିକ ହେକ୍ଟର ପ୍ରତି ୨୬୦ ରୁ ୪୦୯ କି.ଗ୍ରା. ପର୍ଯ୍ୟନ୍ତ ଅମଳ ଦେଇଥାନ୍ତି ।

୧. ମୁଡିଗିରି - ୧:- କିସମଟି ମାଲାବର ପ୍ରରୁପରୁ ବଛାଯାଇଛି । ଏହାର ସ୍ଫୋଟିକ ମଧ୍ୟମ ଅଣ୍ଡାକୃତି ହଳଦିଆ ସବୁଜ ବର୍ଣ୍ଣର ଅଟେ । ଏହି କିସମଟି ଆଞ୍ଚଳିକ ଗବେଷଣା କେନ୍ଦ୍ର ମୁଡିଗିରିରୁ ବାହାରିଛି । ଏଥିରୁ ହେକ୍ଟର ପ୍ରତି ୨୫୦ କି.ଗ୍ରା. ପର୍ଯ୍ୟନ୍ତ ଶୁଖିଲା ଅଳେଇଚ ମିଳିଥାଏ । ଏହା ସଘନ ଚାଷ ପ୍ରଣାଳୀ ପାଇଁ ଉପଯୁକ୍ତ ଅଟେ ।

୨. ମୁଡିଗିରି - ୨:- କିସମଟି ମାଲାବର ପ୍ରଜାତିର ଅଟେ । ଏହା ଆଞ୍ଚଳିକ ଗବେଷଣା କେନ୍ଦ୍ର, ମୁଡିଗିରିରୁ ବାହାରିଛି । ଏହା ଶୁଷ୍କାଞ୍ଚଳରେ ମଧ୍ୟ ଚାଷ କରାଯାଇପାରେ । ଏଥିରୁ ହେକ୍ଟର ପ୍ରତି ଅମଳ ପ୍ରାୟ ୨୫୦ ରୁ ୪୭୫ କି.ଗ୍ରା. ହୋଇଥାଏ ।

୩. ପି.ଭି. - ୧:- ମାଲାବର ପ୍ରଜାତିର ଅଟେ । ଅଣ୍ଡାକୃତି ଈଷତ୍ ସବୁଜ ରଙ୍ଗର ସ୍ଫୋଟିକ, ଥ୍ରିପସ୍ ସହଣୀ ଯୁକ୍ତ, ସହଳ ଅମଳ ହୋଇଥାଏ । ଏହି କିସମଟି କେରଳର ପାମ୍ପଡ଼ୁମ୍ପରା ଆଞ୍ଚଳିକ ଗବେଷଣା କେନ୍ଦ୍ରରୁ ବାହାରିଛି । ଏଥିରୁ ପ୍ରାୟତଃ ହେକ୍ଟର ପ୍ରତି ୧୫୦ ରୁ ୫୦୦ କି.ଗ୍ରା. ପର୍ଯ୍ୟନ୍ତ ଅମଳ ମଳିଥାଏ ।

୪. ପି.ଭି. - ୨ :- ଏହା ଭାଳୁକା ପ୍ରଜାତିର ଅଟେ । ଏହା ସର୍ବାଧିକ ଅମଳ ଦେଇଥାଏ । ଏହାର ସ୍ଫୋଟିକ ପ୍ରାୟ ବଡ଼ ଲମ୍ବାକୃତି ଓ ଏଥିରୁ ଅଧିକ ଶୁଖିଲା ମଞ୍ଜି ମିଳିଥାଏ । ଏହି କିସମଟି କେରଳରେ ଥିବା ଆଞ୍ଚଳିକ ଗବେଷଣା କେନ୍ଦ୍ର, ପାମ୍ପାଡ଼ମ୍ପରାରୁ ବାହାରିଛି । ହେକ୍ଟର ପ୍ରତି ପ୍ରାୟ ୧୨୦୦ କି.ଗ୍ରା. ପର୍ଯ୍ୟନ୍ତ ଶୁଖିଲା ସ୍ଫୋଟିକ ଅମଳ ମିଳିଥାଏ ।

୫. ଆଇ.ସି.ଆର୍.ଆଇ. - ୧ :- ମାଲାବର ସ୍ୱରୂପ, ସହଳ ଅମଳ, ଅଧିକା ଫୁଲ ଧରେ, ବଡ଼ ସବୁଜ ଅଣ୍ଡାକୃତି ସ୍ଫୋଟିକ । ଏହା ଆଇ.ସି.ଆର୍.ଆଇ. ଇଡୁକି, କେରଳରୁ ବାହାରିଛି । ଏଥିରୁ ପ୍ରାୟ ହେକ୍ଟର ପ୍ରତି ୬୬୦ କି.ଗ୍ରା. ଶୁଖିଲା ସ୍ଫୋଟିକ ମିଳିଥାଏ ।

୬. ଆଇ.ସି.ଆର୍.ଆଇ. - ୨ :- ମହୀଶୂର ସ୍ୱରୁପ, ଜଳସେଚିତ ଅଞ୍ଚଳ ପାଇଁ ଉପଯୁକ୍ତ ଓ ମଧ୍ୟମ ଲମ୍ବା ଶୁଆ ରଙ୍ଗର ସ୍ଫୋଟିକ ଅଟେ । ଏହା ଆଇ.ସି.ଆର୍.ଆଇ. ଇଡୁକି



ରୁ ବାହାରିଛି । ଏଥିରୁ ପ୍ରାୟ ହେକ୍ଟର ପ୍ରତି ୭୬୬ କି.ଗ୍ରା. ଶୁଖିଲା ସ୍ଫୋଟିକ ମିଳିଥାଏ ।

୭. ଆଇ.ସି.ଆର୍.ଆଇ. - ୩ :- ମାଲାବର ପ୍ରରୁପ, ସହଳ କିସମ, ବଡ଼ ଅଣ୍ଡାକୃତି ଶୁଆ ରଙ୍ଗର ସ୍ଫୋଟିକ, ଲୋମଶୂନ୍ୟ ପତ୍ର ଅଟେ । ଏହା ଆଇ.ସି.ଆର୍.ଆଇ. ଇଡୁକି, କେରଳ ରୁ ବାହାରିଛି । ଓ ଏଥିରୁ ପ୍ରାୟ ହେକ୍ଟର ପ୍ରତି ୬୦୦ କି.ଗ୍ରା. ଶୁଖିଲା ସ୍ଫୋଟିକ ମିଳିଥାଏ ।

୮. ଆଇ.ସି.ଆର୍.ଆଇ. - ୪ :- ମାଲାବର ସ୍ୱରୂପ, ସହଳ କିସମ, ସ୍ୱଳ୍ପ ବୃଷ୍ଟିପାତ ଅଞ୍ଚଳ ପାଇଁ ଉପଯୁକ୍ତ, ବଡ଼ ଗୋଲାକାର ଶୁଆରଙ୍ଗର ସ୍ଫୋଟିକ, ଲୋମଶୂନ୍ୟ ପତ୍ର ଅଟେ । ଏହା ଆଇ.ସି.ଆର୍,ଆଇ. ଇଡୁକି, କେରଳରୁ ବାହାରିଛି । ଏଥିରୁ ପ୍ରାୟ ହେକ୍ଟର ପ୍ରତି ଅମଳ ପ୍ରାୟ ୪୬୦ କି.ଗ୍ରା. ଶୁଖିଲା ସ୍ଫୋଟିକ ମିଳିଥାଏ ।

୯. ଆଇ.ସି.ଆର୍.ଆଇ. - ୫ :- ମାଲାବର ପ୍ରରୁପ, ସହଳ ସଙ୍କର କିସମ, ଅଧିକ ଅମଳ କ୍ଷମ ଓ ଅଧିକ ତେଲ ଯୁକ୍ତ, ପଚା ସହଣୀ, ବଡ଼ ଗାଢ ସବୁଜ ସ୍ଫୋଟିକ ଅଟେ ଏହା ଆଇ.ସି.ଆର୍.ଆଇ. ଇଡୁକି, କେରଳରୁ ବାହାରିଛି । ଏଥିରୁ ପ୍ରାୟ ହେକ୍ଟର ପ୍ରତି ୨୦୦୦ କି.ଗ୍ରା. ଶୁଖିଲା ସ୍ଫୋଟିକ ମିଳିଥାଏ ।

୧୦. ଆଇ.ସି.ଆର୍.ଆଇ. - ୬ :- ମାଲାବର ପ୍ରରୁପ, ବର୍ଷସାରା ଅମଳ ହେଉଥିବା କିସମ, ଅଧିକ ଅମଳକ୍ଷମ ଓ ଅଧିକ ତେଲ ଯୁକ୍ତ, ପଚା, ମରୁଡି ଓ କାଣ୍ଡବିନ୍ଧା ପୋକ ସହଣୀ, ବଡ଼ ଗାଢ ସବୁଜ ସ୍ଫୋଟିକ ଅଟେ । ଏହା ଆଇ.ସି.ଆର୍.ଆଇ. ଇଡୁକି, କେରଳରୁ ବାହାରିଛି । ଏଥିରୁ ସର୍ବାଧିକ ପ୍ରାୟ ହେକ୍ଟର ପ୍ରତି ୧୯୦୦ କି.ଗ୍ରା. ଶୁଖିଲା ସ୍ଫୋଟିକ ମିଳିଥାଏ ।

୧୧. ସୁଭାସିନି :- (CCS-1) ମାଲାବର ସ୍ୱରୂପ, ସହଳ କିସମ, ସଘନ ଚାଷ ପ୍ରଣାଳୀ ପାଇଁ ଉପଯୁକ୍ତ, ଲମ୍ବା ଫୁଲ ସ୍ତବକ, ବଡ଼ ଅଣ୍ଡାକୃତି ଶୁଆରଙ୍ଗର ସ୍ଫୋଟିକ ଅଟେ । ଏହା ଆଞ୍ଚଳିକ ଗବେଷଣା କେନ୍ଦ୍ର, ଭାରତୀୟ ମସଲା ଗବେଷଣା ପ୍ରତିଷ୍ଠାନ, ଆପାଙ୍ଗଲା କର୍ଣ୍ଣାଟକରୁ ବାହାରିଛି । ଏହାର ହେକ୍ଟର ପ୍ରତି ଅମଳ ପ୍ରାୟ ୪୦୦ କି.ଗ୍ରା. ଅଟେ ।

୧୨. ଅଭିନାଶ :- (CCS-) ମାଲାବର ପ୍ରରୁପ, କନ୍ଦା ସଢ଼ା ସହଣୀ କିସମ, ଲମ୍ବାଳିଆ ସ୍ଫୋଟିକ ଅଟେ । ଏହା ଭାରତୀୟ ମସଲା ଗବେଷଣା ପ୍ରତିଷ୍ଠାନର ଆଞ୍ଚଳିକ ଗବେଷଣା କେନ୍ଦ୍ର ଆପାଙ୍ଗଲା, କର୍ଣ୍ଣାଟକରୁ ବାହାରିଛି । ଏହାର ହେକ୍ଟର ପ୍ରତି ଅମଳ ପ୍ରାୟ ୮୫୦ କି.ଗ୍ରା. ଅଟେ ।

୧୩. ଭିଜେତା :- (NKE-12) ମାଲାବର ପ୍ରରୂପ, କାଟେ ରୋଗର ସହଣୀ ଶକ୍ତି ଥିବା କିସମ ଅଟେ । ଏହା ଆଞ୍ଚଳିକ ଗବେଷଣା କେନ୍ଦ୍ର, ଆପାଗାଲା, କର୍ଣ୍ଣାଟକରୁ ବାହାରିଛି । ଏଥିରୁ ହେକ୍ଟର ପ୍ରତି ଅମଳ ପ୍ରାୟ ୬୫୦ କି.ଗ୍ରା. ଅଟେ ।

**ବଂଶ ବିସ୍ତାର :-**

ଅଳେଇଚ ଉଭୟ ମଞ୍ଜି ଏବଂ କନ୍ଦା ବା ପୁଆ ଦ୍ୱାରା ବଂଶ ବିସ୍ତାର କରିଥାଏ । ତେବେ ଉନ୍ନତ କିସମର ଗୁଣବତ୍ତା ରକ୍ଷା କରିବା ପାଇଁ ପୁଆ ଦ୍ୱାରା ଏବେ ଅଧିକ ପରିମାଣରେ ବଂଶ ବିସ୍ତାର କରାଯାଉଛି । ଏହା ବ୍ୟତୀତ ଶିଳ୍ପ ସଂସ୍ଥାମାନେ ବର୍ତ୍ତମାନ ପେଶୀ ପୋଷଣ ମାଧ୍ୟମରେ ଅଧିକ ପରିମାଣରେ କମ୍ ସମୟରେ ଚାରା ପ୍ରସ୍ତୁତ କରି ଯୋଗାଉଛନ୍ତି । ଏହି ପ୍ରଣାଳୀରେ ପ୍ରାଥମିକ ତଳିଘରା ଏବଂ ପରିବର୍ତ୍ତୀ ତଳିଘରାରେ ଚାରା ବଢାଇ ରୋପଣ ପାଇଁ ନିଆଯାଏ । ହେକ୍ଟର ପ୍ରତି ୧୬୦୦ ରୁ ୫୦୦୦ ପର୍ଯ୍ୟନ୍ତ ଚାରା ଲଗାଯାଇ ପାରୁଛି କାରଣ ବିଭିନ୍ନ ରାଜ୍ୟରେ ବିଭିନ୍ନ ଦୂରତାରେ ଚାରା ଗଛ ଲଗାଯାଇଥାଏ । ଗୋଟିଏ ହେକ୍ଟର ଜମି ପାଇଁ ୧ କି.ଗ୍ରା. କଞ୍ଚାଷ୍ଫୋଟିକ ବା ୩୫୦ ରୁ ୪୦୦ ଟି ଷ୍ଫୋଟିକ ବା ୧୭୫ ରୁ ୨୦୦ ଗ୍ରାମ୍ ମଞ୍ଜି ଆବଶ୍ୟକ ହୋଇଥାଏ ।

**ଷ୍ଫୋଟିକରୁ ମଞ୍ଜି ନିଷ୍କାସନ :-** ଷ୍ଫୋଟିକରୁ ମଞ୍ଜି ନିଷ୍କାସନ କରିବା ପାଇଁ ୨୫% ନାଇଟ୍ରିକ୍ ଏସିଡ୍‌ରେ ୧୦ ମିନିଟ୍ ବୁଡ଼ାଇ ପାଣିରେ ଧୋଇ ଦିଆଯାଏ । ଏତ୍‌ବ୍ୟତୀତ ସାଧାରଣ ପ୍ରଣାଳୀରେ ୫ ବର୍ଷରୁ ଊର୍ଦ୍ଧ୍ୱ ଅଧିକ ଫଳୁଥିବା ଅଳେଇଚ ଗଛରୁ ସମ୍ପୂର୍ଣ୍ଣ ପାକଳ ହୋଇଥିବା ଅଳେଇଚ ଷ୍ଫୋଟକ ତୋଳି ସଙ୍ଗେ ସଙ୍ଗେ ପାଣିରେ ଧୋଇ ଓ ଚଟାଣରେ ଘସି ତା ଉପରେ ଲାଗିଥିବା କ୍ଲେଡକ ଗୁଡିକୁ ଛଡାଇ ଦିଆଯାଏ । ଏହା ପରେ ପାଉଁସରେ ଗୋଳାଇ ଛାଇରେ ଶୁଖାଇ ବିହନ ରୂପେ ବ୍ୟବହାର କରାଯାଏ ।

ତଳି ପଟି ତିଆରି କରିବା ପାଇଁ ଗଡାଣିଆ ସ୍ଥାନ ବାଛିବା ଦରକାର । ୧ ମି. ଓସାର ୬ ମି. ଲମ୍ୱା ଓ ୩୦ ସେ.ମି. ଉଚ୍ଚର ତଳିପଟି ମାନ ତିଆରି କରି ସେଥିରେ ଖତ ଦେଇ ୧୦ ସେ.ମି. ଦୂରତ୍ୱରେ ଧାଡ଼ିରେ ମଞ୍ଜି ବୁଣି ମାଟି ଘୋଡାଇ ଶୁଖିଲା ପତ୍ର ଦ୍ୱାରା ଛାଦିକରଣ କରାଯାଏ । ଏହି ତଳି ଘେରାକୁ ଛାଉଣୀ କରି ଖରା ଓ ବର୍ଷାରୁ ରକ୍ଷା କରାଯାଏ । ଏହି ତଳି ଘେରାରେ ୩୦ ରୁ ୫୦ ଗ୍ରାମ୍ ବିହନ ଆବଶ୍ୟକ ହୋଇଥାଏ । ପ୍ରତ୍ୟେକ ଦିନ ତଳି ଘେରାରେ ଛିଞ୍ଚାପାଣି ଦିଆଯାଏ । ପ୍ରାୟ ୨-୩ ମାସ ପରେ ମଞ୍ଜିରୁ ଗଜା ବାହାରିଥାଏ । ସେପ୍ଟେମ୍ବର ଶେଷ ସପ୍ତାହରୁ ସଭେମ୍ବର ମାସ ମଧ୍ୟରେ ଏହି ତଳି ରୋପଣ କରାଯାଏ । ତଳି ଗଜା ହେବାର ୧ ମାସର ବା



୨-୩ ପତ୍ର ବିଶିଷ୍ଟ ହୋଇଗଲେ ଏହାକୁ ଜରିମୁଣାରେ (ମାଟି, ବାଲି, ଜିଆଖତ- ୧ : ୧ : ୧ ଅନୁପାତରେ ମିଶାଇ) ଲଗାଯାଏ । ଏହି ପଲିବ୍ୟାଗକୁ ୨ୟ ତଳି ପଟିରେ ରଖି ଛାୟା ଓ ଛାଦି ପ୍ରଦାନ କରାଯାଏ । ତଳି ପଟିରେ ମଞ୍ଜି ବୁଣିବା ପୂର୍ବରୁ ଟ୍ରାଇକୋଡର୍ମା ୧ କି.ଗ୍ରା. ମଞ୍ଜି ପାଇଁ ୫ଗ୍ରା. ଓ ଭି.ଏ.ଏମ୍. ୧୦ ଗ୍ରାମ୍ ମିଶାଇବା ଆବଶ୍ୟକ ହୋଇଥାଏ । ଟ୍ରାଇକୋଡର୍ମା ରୋଗ ଜୀବାଣୁ ନାଶକ ଓ ଭି.ଏ.ଏମ୍ ଗଛକୁ ଚେର ବୃଦ୍ଧି, ଫସ୍‌ଫରସ୍ ଓ ହରମନ୍ ଯୋଗାଣକାରୀ ଭାବେ କାମ କରିଥାଏ ।ପ୍ରତି ଜରି ମୁଣାରେ ୧୦ ଗ୍ରାମ୍ ଭି.ଏ.ଏମ୍. ଓ ୫ ଗ୍ରାମ୍ ଟ୍ରାଇକୋଡର୍ମା ସଢା ଗୋବର ଖତରେ ମିଶାଇ ପ୍ରୟୋଗ କରାଯାଇଥାଏ ।

**ଜମି ପ୍ରସ୍ତୁତି ଓ ଚାରା ରୋପଣ -:** ଚାରାଗୁଡିକ ୬-୧୮ ମାସର ହେଲେ ରୋପଣ ଉପଯୋଗୀ ହୋଇଥାଏ । ଅଳେଇଚ ଅଧିକ ଛାଇ କିମ୍ୱା ଅଧିକ ଆଲୋକ ପଡୁଥିବା ସ୍ଥାନରେ ଭଲ ହୋଇ ନ ଥାଏ । ତେଣୁ ଆଂଶିକ ଛାଇଁ ହେଉଥିବା ସ୍ଥାନରେ ଲଗାଇବା ଉଚିତ୍ । ଘଞ୍ଚ ଜଙ୍ଗଲରେ କିଛି ଡାଳ କାଟି ସାମାନ୍ୟ ସୂର୍ଯ୍ୟଲୋକ ମିଳିବାର ବ୍ୟବସ୍ଥା କରିବା ଉଚିତ୍ । ନଡ଼ିଆ, ଗୁଆ, କଫି, କଦଳୀ, ଆମ୍ବ ଏବଂ ଗୋଲମରିଚ ବଗିଚାରେ ଅଳେଇଚ ଲଗାଯାଇ ପାରିବ । ଛାଇ ପ୍ରଦାନ କରିବା ପାଇଁ ସ୍ୱତନ୍ତ୍ରଭାବେ କେତେକ ଗଛ ଯଥା- ସିଲ୍‌ଭରଓକ୍, ପଣସ, ଆମ୍ବ ଇତ୍ୟାଦି ଲାଗାଯାଇପାରେ । ପାହାଡିଆ ଅଞ୍ଚଳରେ ସାଧାରଣତଃ ଢାଲୁର ବିପରୀତ ଦିଗରେ ଖାତ ଖୋଳି ଗଛ ଲଗାଇଲେ ମୃତ୍ତିକାକ୍ଷୟ ରୋକାଯାଇପାରିବ ଏବଂ ଜଳ ସଂରକ୍ଷଣ ହୋଇପାରିବ । ଏହି ଟ୍ରେଞ୍ଚଗୁଡିକ ମଧ୍ୟ ଉପର ଧାଡି ସହ ସିଧାଭାବରେ ନ ରହି ଦୁଇଟି ଟ୍ରେଞ୍ଚର ମଝିରେ ଅନ୍ୟଟି ରହିବ । ଗଡାଣି ଦକ୍ଷିଣ ପଶ୍ଚିମ ଦିଗକୁ ହୋଇଥିଲେ ଅଧିକ ଛାଇ ପ୍ରଦାନ ପାଇଁ ଚେଷ୍ଟା କରିବା ଉଚିତ୍ ।

ଗାତର ଆକାର ୯୦ X ୯୦ X ୪୫ ସେ.ମି. ହେବା ଉଚିତ୍ । ଏହି ଗାତଗୋଡିରୁ ମେ ମାସରେ ଖୋଳି ତଳେ ୧/୩ ଅଂଶ ଉପର ମାଟି, ତାହାର ଉପରେ ୧/୩ ଅଂଶ ଖତ ଓ ଉପର ମାଟି (୧:୩) ମିଶାଇ ଛାଡି ଦିଅନ୍ତୁ । ବର୍ଷା ଆରମ୍ଭ ହେଲେ ଚାରାଗୁଡିକୁ ଲଗାନ୍ତୁ ।

ଭାଜୁକା ଓ ମହୀଶୂର ପ୍ରରୂପ କିସମ ଗୁଡିକ ଲଗାଇବା ପାଇଁ ଗାତକୁ ଗାତର ଦୂରତ୍ୱ ୩ ମି. X ୩ ମି. (୧୧୧୧ଟି ଗଛ..) ଓ ମାଲାବର କିସମ ପାଇଁ ୨.୫ ମି. X ୨.୫ ମି. (୧୬୦୦ ଟି ଗଛ/ ହେ) ଓଡିଶାରେ ଚାଷ ପାଇଁ ଉପଯୁକ୍ତ ।

ମାଲାବର କିସମ ପାଇଁ ତାମିଲନାଡୁରେ ୨.୪ ମି. X ୨.୪ ମି. ଓ କର୍ଣ୍ଣାଟକରେ ୧.୮ ମି. X ୧.୮ ମି. ଦିଆଯାଉଛି ।

ଗାତ ଏପ୍ରିଏଲ୍‌ରୁ ମେ ମାସରେ ଖୋଳି ଜୁଲାଇ ମାସରେ ଅଳେଇଚ ଚାରା ଲଗାଇ ଦେଲେ ଚାରା ଗଛ ବେଶୀ ପାଣି ଆବଶ୍ୟକ କରିବ ନାହିଁ । ବର୍ଷା ସାଙ୍ଗକୁ ମେଘୁଆ ପାଗରେ ଅଳେଇଚ ଗଛ ଲଗାଇଲେ ଶୀଘ୍ର ଚେର ଲାଗିଥାଏ । ଅଧିକ ବର୍ଷା ହେଉଥିବା ସମୟରେ କିମ୍ବା ଶୀତଦିନେ ଲଗାଇଲେ ମୃତାହତ ଅଧିକ ହୋଇଥାଏ ।

ଚାରା ଲଗାଇ ସାରିଲା ପରେ କାଠି ପୋତି ଆଶ୍ରା ଦେବା ଉଚିତ୍ ଓ ମୂଳରେ ଶୁଖିଲା ପତ୍ର ଦ୍ୱାରା ଛାଦିକରଣ କରିବା ଉଚିତ୍ । ଅଳେଇଚ ପରପରାଗଣ ହୋଇଥିବାରୁ ବିଭିନ୍ନ ପ୍ରଜାତିର ଅଳେଇଚ ଗଛ ମିଶାଇ ଲଗାଇଲେ ପରାଗ ସଂଗମ ସୁବିଧାଜନକ ହୋଇଥାଏ ଓ ଉତ୍ପାଦନ ବଢ଼ିଥାଏ ।

**ଖତ ଓ ସାର ପରିଚାଳନା :-** ମୃତ୍ତିକା ପରୀକ୍ଷାନୁଯାୟୀ ସାର ପ୍ରୟୋଗ କରିବା ଉଚିତ୍ । ଗଛ ଲଗାଇବା ସମୟରେ ଗଛ ପ୍ରତି ୧ କି.ଗ୍ରା. ନିମ୍ବ ପିଡିଆ, ୫-୧୦ କି.ଗ୍ରା. ସଢ଼ା ଗୋବର ଖତ ସହିତ ୫୦ ଗ୍ରାମ୍ ଟ୍ରାଇକୋଡର୍ମା, ୫୦ କି.ଗ୍ରା. ପି.ଏସ୍.ବି. ଓ ୫୦ ଗ୍ରାମ୍ ପଟାସ୍ ବ୍ୟାକ୍ଟେରିଆ ଜୈବିକ ଉପାୟ ଅବଲମ୍ବନ କରି ପ୍ରୟୋଗ କରିବା ଉଚିତ୍ । ବର୍ଷକୁ ୨ ଥର ଏହି ଉପାୟରେ ଖତ ଓ ଜୀବାଣୁ ସାର ଏବଂ ଔଷଧ ପ୍ରୟୋଗ କରିବା ଉଚିତ୍ ।

ରାସାୟନିକ ଉପାୟ ଅବଲମ୍ବନ କରୁଥିଲେ ଗଛ ପ୍ରତି ୫-୧୦ କି.ଗ୍ରା. ଗୋବର ଖତ ଓ ୧ କି.ଗ୍ରା.ନିମ୍ବ ପିଡିଆ ପ୍ରୟୋଗ କରନ୍ତୁ । ଏତଦ୍ ବ୍ୟତୀତ ହେକ୍ଟର ପ୍ରତି ୨୫ କି.ଗ୍ରା. ଯବକ୍ଷାରଜାନ, ୨୫ କି.ଗ୍ରା. ଫସ୍‌ଫରସ୍ ଓ ୫୦ କି.ଗ୍ରା. ପଟାସ୍ ଗଛ ମୂଳରେ ପ୍ରୟୋଗ କରନ୍ତୁ ।

ସାର ଗଛ ମୂଳରୁ ୩୦ ସେ.ମି. ଛାଡି ୧୫ ସେ.ମି. ଚଉଡାର ଗୋଲେଇ କରି ୬-୭ ସେ.ମି ଗଭୀରରେ ପ୍ରତିବର୍ଷ ଜୁନ୍ ଓ ସେପ୍ଟେମ୍ବର ମାସରେ ପ୍ରୟୋଗ କରିବା ଉଚିତ୍ । ଜୁନ୍ ମାସର ସାର ଫୁଲ ଓ ଫଳ ବୃଦ୍ଧି ତଥା ସେପ୍ଟେମ୍ବର ମାସର ସାର ଫୁଲ ର ସ୍ତବକର ଦୈର୍ଘ୍ୟ ଓ ପିଲ ସଂଖ୍ୟା ବୃଦ୍ଧିରେ ସହାୟକ ହୋଇଥାଏ ।

| ହେକ୍ଟର ପ୍ରତି ସାରର ପରିମାଣ | ଯବକ୍ଷାରଜାନ | ଫସ୍‌ଫରସ୍ | ପଟାସ୍ |
|---|---|---|---|
| ୧ମ ବର୍ଷ | ୨୫ କି.ଗ୍ରା | ୨୫ କି.ଗ୍ରା | ୫୦ କି.ଗ୍ରା |
| ୨ୟ ବର୍ଷ | ୪୦ କି.ଗ୍ରା | ୪୦ କି.ଗ୍ରା | ୮୦ କି.ଗ୍ରା |
| ୩ୟ ବର୍ଷ ବା ତଦୂର୍ଦ୍ଧ | ୭୫ କି.ଗ୍ରା | ୭୫ କି.ଗ୍ରା | ୧୫୦ କି.ଗ୍ରା |



ପ୍ରତି ଥର ସାର ପକାଇ ସାରିଲା ପରେ ଶୁଖିଲା ପତ୍ର ଦ୍ୱାରା ଛାଦିକରଣ କରିବା ଉଚିତ୍ । ଏହି ଛାଦିକରଣ ସେପ୍ଟେମ୍ବରରୁ ମେ ମାସ ପର୍ଯ୍ୟନ୍ତ କଲେ ମୃତ୍ତିକା ତାପମାତ୍ରା ବଢିଥାଏ, ଘାସ କମ୍ ହୋଇଥାଏ, ମୃତ୍ତିକାରେ ଜଳ ଧାରଣ କ୍ଷମତା ବୃଦ୍ଧିପାଏ ତଥା ଗଛ ବୃଦ୍ଧିରେ ସହାୟକ ହୋଇଥାଏ ।

ପତ୍ର ସିଞ୍ଚନ ପାଇଁ ପାଣିରେ ସଂପୂର୍ଣ୍ଣ ମିଶୁଥିବା ସାର ୧୬ :୧୬ :୧୬ ବା ୧୫ : ୧୫ : ୧୫ ବା ବାୟୋ ଏନ୍‌ପିକେ ୧ ଲି. ପ୍ରତି ୫ ଗ୍ରାମ୍ / ୫ ମିଲି. ମିଶାଇ ଜୁଲାଇ/ ଅଗଷ୍ଟ, ସେପ୍ଟେମ୍ବର/ ଅକ୍ଟୋବର ଏବଂ ନଭେମ୍ବର / ଡିସେମ୍ବରରେ ୩ ଥର ବର୍ଷକୁ ପ୍ରୟୋଗ କରନ୍ତୁ । ଅଣୁସାର ଆକାରରେ ଜିଙ୍କ ସଲ୍‌ଫେଟ୍ ୨.୫ ଗ୍ରା. / ଲି. ପାଣିରେ ମିଶାଇ ପ୍ରୟୋଗ କରନ୍ତୁ ।

**ଜଳ ପରିଚାଳନା -:** ଅଳେଇଚ ଗଛ ବୁଦା ପ୍ରତି ୧୦ ରୁ ୧୫ ଲି. ପାଣି ଆବଶ୍ୟକ । ବର୍ଷା ହେଉ ନଥିବା ସମୟରେ ୧୦ ରୁ ୧୫ ଦିନ ଅନ୍ତରରେ ମଡା ଜଳ ସେଚନ ବା ପ୍ରବାହ ଜଳ ସେଚନ କରିବା ଦ୍ୱାରା ଅଧିକ ସଂଖ୍ୟାରେ ପୁଷ୍ପ ସ୍ତବକ, ଫୁଲ ଓ ଫଳ ବହାନି ଥାଏ । ଏହି ଫସଲ ଜଳାଭାବ ସହିପାରେ ନାହିଁ । ତେଣୁ ମୃତ୍ତିକାରେ ସର୍ବଦା ୪୦ ରୁ ୫୦ % ସିକ୍ତତା ରହିବା ଉଚିତ୍ । ବୁନ୍ଦା ଜଳସେଚନ ଦ୍ୱାରା ଜଳର ପରିମାଣ କମାଇ ଦିଆଯାଇ ପାରିବ । ଏହି ପ୍ରକ୍ରିୟାରେ ଘଣ୍ଟା ପ୍ରତି ୨ ରୁ ୩ ଲିଟର ପାଣି ବୁଦା ପ୍ରତି ଛଡାଯାଇ ପାରିବ । ଏହି ପ୍ରକ୍ରିୟାରେ ଦିନକୁ ୮ ଲି ପାଣି ବୁଦା ପ୍ରତି ଯୋଗାଯାଇ ପାରିବ ।

ନିମ୍ନଲିଖିତ ପ୍ରଣାଳୀରେ ବୁଦାପ୍ରତି ଜଳ ସେଚନ କରିବା ଉଚିତ୍ ।

ବୁନ୍ଦା ଜଳ ସେଚନରେ ୮ଲି. ରୁ ୬ ଲି. ବୁଦା ପ୍ରତି ଦିନକୁ ଦେବା ।

ସିଞ୍ଚନ ପ୍ରଣାଳୀରେ ୩୫ ରୁ ୪୦ ଲି ବୁଦାପ୍ରତି ୧୫ ଦିନ ଅନ୍ତରରେ ।

ମାଠିଆ ଜଳସେଚନରେ ସପ୍ତାହକୁ ୨୦ - ୩୦ ଲି. ଦେବା ଉଚିତ୍ ।

ବେଶୀ ସମୟ ଧରି ଗଛ ମୂଳରେ ପାଣି ଜମିଲେ ମୂଳ ସଢା ରୋଗ ହୋଇଥାଏ ।

**ଘାସ ନିୟନ୍ତ୍ରଣ :-**

ଘାସ ଅଳେଇଚ ଗଛ ଖାଦ୍ୟ ଓ ପାଣି ପାଇଁ ପ୍ରତିଯୋଗିତା କରିଥାଏ । ତେଣୁ ମେ, ସେପ୍ଟେମ୍ବର, ଡିସେମ୍ବର ଓ ଜାନୁଆରୀ ମାସରେ ଛାଦିକରଣ ଭାବେ ବ୍ୟବହାର

କରାଯାଏ । .... ଦାଳ ଦ୍ୱାରା ଖୋସା ଖୋସି କଲେ ମାଟି ହାଲୁକା ହୋଇ ମୃତ୍ତିକାକ୍ଷୟ ଘଟିଥାଏ । ବୁଦାମାନଙ୍କ ଅନ୍ତଃ ଦୂରତାରେ ଓ ବୁଦାଠାରୁ ୨୦ ସେ.ମି. ଛାଡି ହେକ୍ଟର ପ୍ରତି ପାରା କ୍ୱାଟ୍ ୬୨୫ ମିଲି.ଲି. ୫୦୦ ଲି. ପାଣିରେ ମିଶାଇ ସିଞ୍ଚନ କଲେ ଘାସ ଦମନ ହୋଇଥାଏ । ଏହି ଘାସମରା ଔଷଧ ଯେପରି ଗଛ ଉପରେ ନ ପଡେ ସେଥିପାଇଁ ଧ୍ୟାନ ଦେବା ଉଚିତ୍ ।

**ଛାଦି କରଣ :-**

ଅତ୍ୟଧିକ ବର୍ଷା ହେଉଥିବା ସମୟ (ଜୁନ୍ ରୁ ଅଗଷ୍ଟ) ଛାଡି ଅନ୍ୟ ଦିନ ମାନଙ୍କରେ ବୁଦା ଚାରିପଟେ ୫-୬ ସେ.ମି. ପରସ୍ତର ଛାଦି କରଣ ଦେଲେ ମୃତ୍ତିକାରେ ସିକ୍ତତା, ଘାସ ନିୟନ୍ତ୍ରଣ ଓ ମୃତ୍ତିକାରେ ତାପମାତ ବୃଦ୍ଧି ପାଇଥାଏ ।

**ଅନ୍ତଃ ଚାଷ :-** ବର୍ଷାଋତୁ ଶେଷ ହେବା ପରେ ନଭେମ୍ବର ଓ ଡିସେମ୍ବର ମାସରେ ଗଛ ମୂଳଠାରୁ କିଛି ଛାଡି ୯୦ ସେ.ମି. ଲମ୍ବ ପର୍ଯ୍ୟନ୍ତ ୧୦ - ୧୫ ସେ.ମି. ଗଭୀରକୁ କଲେ ମାଟି ହାଲୁକା ହେବ , ଘାସ କମ୍ ହେବ, ଚେର ବୃଦ୍ଧିହେବ ଓ ପବନ ଯିବା ଆସିବା କରିପାରିବ । ଏପରି କରିବା ସମୟରେ ଯେପରି ଚେରର କ୍ଷତି ନ ଘଟେ ସେଥିପାଇଁ ଧ୍ୟାନ ଦେବା ଉଚିତ୍ ।

ଶୁଖିଲା ପତ୍ର, ଡାଳ, ମୃତ କନ୍ଦାକୁ ଏବଂ ବୁଢା ପିଲକୁ କାଟି ମେ ମାସରେ ବାହାର କରିଦେବା ଉଚିତ । ଏଥିପାଇଁ ଧାରୁଆ କାତି, ଦା କିମ୍ବା ଘାଗଡା ବ୍ୟବହାର କରିବା ଉଚିତ୍ । ଶୁଖିଲା ପତ୍ରକୁ କାଣ୍ଡରୁ ସେପ୍ଟେମ୍ବର ଏବଂ ଜାନୁଆରୀ ମାସରେ ମଧ୍ୟ ବାହାର କରିଦେବା ଉଚିତ୍ । କାରଣ ଏହି ସମୟରେ ଉକୁଣିଆ ପୋକ ଲାଗିବାର ସମ୍ଭାବନା ଥାଏ । ଏହି କଟାଯାଇଥିବା ଶୁଖିଲା ପତ୍ର ଓ ଡାଳକୁ ମଧ୍ୟ ଛାଦିକରଣରେ ବ୍ୟବହାର କରାଯାଏ ।

ବର୍ଷା ଆରମ୍ଭରେ ଛାୟାଗଛର ପାର୍ଶ୍ୱଡାଳ କାଟି ହାଲୁକା ଭାବରେ ସୂର୍ଯ୍ୟାଲୋକ ଅଳେଇଚ ଗଛ ଉପରେ ପଡିବା ପାଇଁ ବ୍ୟବସ୍ଥା କରିବା ଉଚିତ । ମହୁ ଚାଷକୁ ଅଳେଇଚ ଚାଷ ସହ କଲେ ଅଧିକ ପରାଗସଙ୍ଗମ ହୋଇ ଅମଳ ବଢିବା ସହିତ ମଧୁ ମଧ୍ୟ ବ୍ୟବହାର ପାଇଁ ମିଳିଥାଏ । ଟ୍ରେଞ୍ଚ୍‌ରେ ଆସି ଜମିଥିବା ମାଟି ଏବଂ ସଢା ପତ୍ରକୁ ଗଛ ଚାରିପଟେ ପତଳା ଭାବରେ ଦେଲେ ଉତ୍ପାଦନ ବଢିଥାଏ । କିନ୍ତୁ ଅଧିକ



ପରିମାଣରେ ମାଟି ଗଛ ମୂଳରେ ଠୁଳ କଲେ ଗଛକୁ ଏହା ବେଳେ ବେଳେ ଗୋଟିଏ ପାର୍ଶ୍ୱକୁ ଚାପିଦେବାର ସମ୍ଭାବନା ଥାଏ ।

**ସମନ୍ୱିତ ରୋଗ ପରିଚାଳନା:-** ଅଳେଇଚରେ ଲାଗୁଥିବା ମୁଖ୍ୟ ରୋଗ ମଧ୍ୟରେ ବୁଦାସଢା, ଝାଉଁଳାରୋଗ, ସ୍କୋଟଙ୍କ ପଚାରୋଗ, ଚିତ୍ରାରୋଗ, ପତ୍ରଦାଗ ରୋଗ ଓ ଚେର ଗଣ୍ଠି ସୁତ୍ରଜୀବ ଇତ୍ୟାଦି ପ୍ରଧାନ ।

**ତଳିଘେରାରେ ରୋଗ ନିୟନ୍ତ୍ରଣ :-** ତଳି ଘେରାରେ ସାଧାରଣତଃ ପ୍ରାଥମିକ ପତ୍ର ଦାଗ ଦ୍ୱିତୀୟ ପତ୍ର ଦାଗ, ଚାରା ଝାଉଁଳା ଓ ପତ୍ର ପଚାରୋଗ ଇତ୍ୟାଦି ପ୍ରଧାନ ।

**ପ୍ରାଥମିକ ତଳିଘେରା ପତ୍ରଦାଗ :-** ଏହି ରୋଗ ତଳି ଘେରାରେ ଫେବୃଆରୀରୁ ଏପ୍ରେଲ୍ ମାସ ମଧ୍ୟରେ ବର୍ଷା ହେଲେ ଫାଇଲୋଷ୍ଟିକା ଇଲେଟାରିଏ ନାମକ ଫିମ୍ପି ଦ୍ୱାରା ହୋଇଥାଏ । ଏହା ସାଧାରଣତଃ ଚାରା ଗଛର ପତ୍ର ଉପରେ ପାଣି ପଚା ଦାଗ ସୃଷ୍ଟି କରେ ଯାହାର ଚତୁଃପାର୍ଶ୍ୱରେ ହଳଦିଆ ରଙ୍ଗର ଚିହ୍ନ ଥାଏ । ଏହି ଦାଗ ପରସ୍ପର ସହିତ ଲାଗିଯାଇ ପତ୍ର ଝଡିଯାଏ । ଏହି ଦାଗ ଉପରେ କଳା ଛୋଟ ଦାହା ସଦୃଶ ପିକ୍‌ନିଡିଆ ଦେଖାଯାଏ । ଏହା ସାଧାରଣତଃ ଫେବୃଆରୀ ରୁ ଅପ୍ରେଲ୍ ମାସରେ ବର୍ଷା ହେବା ପରେ ଦେଖାଯାଏ । ଚାରା ଟିକିଏ ବଡ଼ ହୋଇଗଲେ ଏହି ରୋଗ ଦେଖାଯାଏ ନାହିଁ ।

**ପରିଚାଳନା :-** ମାନକୋଜେବ୍ ୩ ଗ୍ରାମ୍ ପ୍ରତି ୧ଲି. ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଆକ୍ରାନ୍ତ ପତ୍ରକୁ ନଷ୍ଟ କରନ୍ତୁ । ସିଧା ସୂର୍ଯ୍ୟ କିରଣ ଦାଉରୁ ଚାରାକୁ ରକ୍ଷା କରନ୍ତୁ ।

**ଦ୍ୱିତୀୟକ ତଳିଘେରା ପତ୍ରଦାଗ :-** ପତ୍ରରେ ହଳଦିଆ ଠାରୁ ଆରମ୍ଭ କରି ନାଲି ବାଦାମୀ ରଙ୍ଗର ଆୟତାକାର ଚିହ୍ନମାନ ଦେଖାଯାଏ । ଏଗୁଡିକ ପତ୍ରର ପାଖ ଶିରା ସହିତ ସମାନ୍ତରାଳ ଭାବରେ ଦେଖାଦିଅନ୍ତି । ପରେ ପରେ ଏହା କାଦୁଆ ନାଲି ବର୍ଣ୍ଣ ଧାରଣ କରେ ସକର୍ପସ୍କୋରା ମଞ୍ଜିବରି ନାମକ ଫିମ୍ପି ଦ୍ୱାରା ହୋଇଥାଏ । ୦.୨ ପ୍ରତିଶତ ଡିଥେନ୍ - ଏମ୍- ୪୫ ଦ୍ୱାରା ଏହାକୁ ଦମନ କରାଯାଇପାରେ ।

**ତଳିଘେରା ପତ୍ରପଚା ରୋଗ :-** ଏହି ରୋଗ ୩-୪ ମାସର ତଳିରେ ଫ୍ୟୁଜାରିୟମ୍ ସ୍ପେସିସ୍ ବା ଅଲଟରନାରିଆ ସ୍ପେସିସ୍ ଦ୍ୱାରା ଲାଗିଥାଏ । ପ୍ରଥମେ ପତ୍ରରେ ପାଣି ଫୋଟକା ପରି ଦାଗ ଦେଖାଯାଇ ପରବର୍ତ୍ତୀ ସମୟରେ ବଡ଼ ଦାଗ ଦେଖାଯାଏ ଓ

ପରିଶେଷରେ ପତ୍ର ପଚିଯାଏ । ଅଧିକ ହେଲେ ଏହା ଡେଙ୍ଗା ଓ ପତ୍ର ଛେଦକୁ ଆକ୍ରମଣ କରିଥାଏ ।

**ପରିଚାଳନା :-** ଅଧିକ ପାଣି ଦିଅନ୍ତୁ ନାହିଁ । ୦.୨ ପ୍ରତିଶତ ଡିଥେନ୍ ଏମ୍ ୪୫ ସିଞ୍ଚନ ୧୫ ଦିନ ଅନ୍ତରରେ କରନ୍ତୁ ।

**ବୁଦା ସଢା ଓ ଝାଉଁଳା ରୋଗ :-** ଏହା ପିଥିଅମ୍ ଭେକ୍ସାନସ୍ ନାମକ ଫିମ୍ପି ଦ୍ୱାରା ହୋଇଥାଏ ଏହି ରୋଗରେ ତଳି ଗୁଡିକର ମୂଳ ଭାଗ ସଢି ଚାରା ଗଛ ଝାଉଁଳି ମରିଯାଏ । ରୋପଣ ପରେ ଗଛର କାଣ୍ଡରେ ପାଣି ଭିଜା ଦାଗ ଦେଖାଯାଏ ଯାହାକି କନ୍ଦା ପର୍ଯ୍ୟନ୍ତ ମାଡିଯାଇ କନ୍ଦା ସଢାଇଦିଏ । ପତ୍ର ଗୁଡିକ ହଳଦିଆ ପଡିଯାଏ, କାଣ୍ଡ ଭାଙ୍ଗିଯାଏ ଏବଂ ସହଜରେ ଟାଣିଲେ ବାହାରି ଆସେ ।

**ପରିଚାଳନା :-** ପାଣି ନିଗାଡିବା ଉଚିତ୍ । ନର୍ସରୀକୁ ୨% ଫାର୍ମାଲିନ୍ ଦ୍ୱାରା (୧ :୫୦) ଦ୍ୱାରା ବିଶୋଧନ କରନ୍ତୁ । ୦.୨ ପ୍ରତିଶତ କପରଅକ୍ସିକ୍ଲୋରାଇଡ୍ ଦ୍ୱାରା ଗଛର ମୂଳକୁ ସିଞ୍ଚନ କରନ୍ତୁ ।

**ମୁଖ୍ୟ ଜମିରେ ଲାଗୁଥିବା ରୋଗ :-**

**ଚିତ୍ରାରୋଗ :-** ମାର୍ବଲ ରୋଗ ବା କୁକାଟେ ରୋଗ କହନ୍ତି । ଏହି ରୋଗ ଦ୍ୱାରା ପତ୍ରରେ ହଳଦିଆ ପଟା ପଟା ଖଣ୍ଡିଆ ଦାଗ ସମାନ୍ତରାଳ ଭାବରେ ମଝି ଶିରାରୁ ପତ୍ର ଧାର ପର୍ଯ୍ୟନ୍ତ ଦେଖାଯାଏ । ଏହା ଦ୍ୱାରା ଗଛ ଗେଡା ନର୍ମ ପିଳଯୁକ୍ତ ଛୋଟ ପୁଷ୍ପସ୍ତବକ ବାହାରେ ଏହା ଦ୍ୱାରା ପ୍ରାୟ ୭୦ ପ୍ରତିଶତ ଅମଳ କମିଥାଏ । ଏହା ସାଧାରଣତଃ ଡିସେମ୍ବର ରୁ ମେ ମାସ ମଧ୍ୟରେ ହୋଇଥାଏ ।

**ପରିଚାଳନା :-** ରୋଗ ମୁକ୍ତ କନ୍ଦାକୁ ଲଗାନ୍ତୁ, ଜଉ ପୋକ ଦମନ କରନ୍ତୁ, ରୋଗୀଣୀ ଗଛକୁ ଉପାଡି ଦିଅନ୍ତୁ ଓ ପୁରୁଣା ଡାଳକୁ କାଟି ବାହାର କରି ଦିଅନ୍ତୁ ।

**କେଣ୍ଡାପଚା ରୋଗ :-** କେଣ୍ଡାର ଅଗ୍ର ଭାବ ଶୁଖିଯାଇ ସଂମ୍ପୂର୍ଣ୍ଣ କେଣ୍ଡାଟି ପଚି ଯାଇଥାଏ ଏହା ଫ୍ୟୁଜେରିୟମ ଫିମ୍ପି ଦ୍ୱାରା ବର୍ଷା ପରେ ପରେ ହୋଇଥାଏ ।

**ପରିଚାଳନା :-** ୦.୨ ପ୍ରତିଶତ ବାଭିଷ୍ଟିନ୍ ସିଞ୍ଚନ ଦ୍ୱାରା ଏହି ରୋଗର ଉପଶମ ହୋଇଥାଏ । ନଚେତ୍ ୫ ଗ୍ରାମ୍ ଟ୍ରାଇକୋଡର୍ମା ଓ ୫ ଗ୍ରାମ୍ ସ୍ୟୁଡୋମୋନାସ୍ ସିଞ୍ଚନ କଲେ ଦମନ ହୋଇଥାଏ ।



**ମୁଖ୍ୟ ଜମିରେ ଲାଗୁଥିବା ପୋକ :-**

**ଉକୁଣିଆ ପୋକ :-** ଏହି ପୋକ ଦ୍ୱାରା ପ୍ରାୟ ୪୫ ରୁ ୪୮ ପ୍ରତିଶତ କ୍ଷତି ଘଟିଥାଏ । ଏହି ପୋକର ଶୂକ ଗୁଡିକ ପତ୍ର ସନ୍ଧିରେ, ପତ୍ର ଛେଦା ମଧ୍ୟରେ, ଫୁଲରେ, ଫଳରେ ଅଧିକ ସଖ୍ୟାରେ ଦେଖାଯାଏ ଏହା ଦ୍ୱାରା କମ୍ ଫୁଲ, ଫଳ ଓ କମ୍ ମଞ୍ଜି ହୋଇଥାଏ । ମଞ୍ଜିର ସ୍ୱାଦ ଓ ବାସ୍ନା କମିଯାଏ ।

**ପରିଚାଳନା :-** ୦.୨ ପ୍ରତିଶତ ଡାଇମିଥୋଏଟ୍ ବା ୦.୫ ପ୍ରତିଶତ ନିମ୍ବ ତେଲ ସିଞ୍ଚନ ଦ୍ୱାରା ଦମନ କରାଯାଏ ।

**ଚେରଭଙ୍ଗ :-** ଚେର ଓ କନ୍ଦାକୁ ଖାଇବା ଦ୍ୱାରା ପତ୍ର ହଳଦିଆ ପଡିଯାଏ ଏବଂ ଗଛ ଗେଡା ହୋଇଯାଏ । ଗଛ ଖାଦ୍ୟାସାର ଗ୍ରହଣ କରିପାରେ ନାହିଁ । ଏହା ମାର୍ଚ୍ଚ - ଏପ୍ରେଲ୍ ଓ ଅଗଷ୍ଟ - ସେପ୍ଟେମ୍ବର ମାସରେ ଦେଖାଯାଏ ।

**ପରିଚାଳନା :-** କ୍ଲୋରୋପାଇରିଫସ୍ ୦.୨ ପ୍ରତିଶଦ ବା ଫୋରେଟ୍୧୦ ଜି ୨୦ ରୁ ୪୦ ଗ୍ରାମ୍ ପ୍ରତି କନ୍ଦାରେ ପ୍ରୟୋଗ କଲେ ଏହା ଦମନ ହୋଇଥାଏ ।

**ଅମଳ :-** ଅଳେଇଚ ଲଗାଇବାର ୨ - ୩ ବର୍ଷ ପରେ ଫଳିଥାଏ । ମଞ୍ଜିରୁ ପ୍ରସ୍ତୁତ ଗଛ ଅଧିକ ଏକ ବର୍ଷ ନେଇଥାଏ ଏବଂ ଗଛ ୧୫ ରୁ ୨୦ ବର୍ଷ ପର୍ଯ୍ୟନ୍ତ ଫଳିଥାଏ । ଅପ୍ରେଲ ରୁ ମେ ମାସରେ ଫୁଲ ଫୁଟି ଅକ୍ଟୋବର ରୁ ଡିସେମ୍ବର ପର୍ଯ୍ୟନ୍ତ ୩୦ ରୁ ୪୦ ଦିନ ଅନ୍ତରରେ ଫଳ (ଷ୍ଟୋଟିକ) ଅମଳ କରାଯାଏ । ଏହି ଅମଳ ୫ ରୁ ୬ ମାସ ଲାଗିଯାଇପାରେ । ଫୁଲ ଫୁଟିବା ପାଇଁ ଅଳେଇଚ ଗଛ ୨-୩ ବର୍ଷ ନେଇଥାଏ ଫୁଲ ସାଧାରଣତଃ ୬-୮ ମାସ ପର୍ଯ୍ୟନ୍ତ ଫୁଟିଥାଏ । ଫୁଲ ଠାରୁ ସଂପୂର୍ଣ୍ଣ ପାଚିବା ଷ୍ଟୋଟକ ସାଧାରଣତଃ ୧୨୦ ରୁ ୧୩୫ ଦିନ ସମୟ ନେଇଥାଏ । ଆଚାର ପାଇଁ କଞ୍ଚା ଫଳ ଅମଳ ହେଉଥିବା ବେଳେ ସାଧାରଣ ବ୍ୟବହାର ପାଇଁ ମଞ୍ଜି କଳା ପଡିଗଲେ (ସଂପୂର୍ଣ୍ଣ ପାକଳ ହେବା ପୂର୍ବ ଅବସ୍ଥା) ଅମଳ ହୁଏ କିନ୍ତୁ ମଞ୍ଜି ପାଇଁ ଫଳ ସପୂର୍ଣ୍ଣ ପାକଳ ହେବା ଉଚିତ୍ । ସାଧାରଣ ବ୍ୟବହାର ପାଇଁ ଅଧିକ ପୂର୍ବରୁ ଅମଳ କଲେ ଫଳ ଜାକିଯୁକି ହୋଇ ଗଲା ବେଳେ ସଂପୂର୍ଣ୍ଣ ପାଚିଥିବା ଫଳ ଶୁଖାଇବା ବେଳେ ଫାଟି ଯାଇଥାଏ । ଅଳେଇଚ ଫଳ ୨୫ - ୩୦ ଦିନ ଅନ୍ତରରେ ତୋଳାହୁଏ । ଭଲ ଭାବରେ ପରିଚାଳିତ ବଗିଚାରୁ ହେକ୍ଟର ପ୍ରତି ବାର୍ଷିକ ୫ କୁଇଣ୍ଟାଲ ଶୁଖିଲା ଅଳେଇଚ ଅମଳ

କରାଯାଇ ପାରିବ । ୨୦ ବର୍ଷପରେ ବୁଦା ସଫାକରି ନୂଆ ଗଛ ଲଗାଇବା ଉଚିତ୍ । ସଂପୂର୍ଣ୍ଣ ପାଚିଥିବା ଫଳରୁ ଶତକଡା ୨୪ %, ତା ପୂର୍ବ ଅବସ୍ଥାରେ ଶତକଡା ୨୦ ପ୍ରତିଶତ ଓ କଞ୍ଚା ଅବସ୍ଥାରେ ତୋଳିଥିବା ଫଳରେ ଶତକଡା ୧୪ ପ୍ରତିଶତ ଶୁଖିଲା ଅଳେଇଚ ମିଳିଥାଏ । ମଞ୍ଜିରେ ଥିବା ତେଲ ବିଭିନ୍ନ ଅବସ୍ଥାରେ ଅଲଗା ଅଲଗା ଭାବରେ ମିଳିଥାଏ । କମ୍ ୧-୮ ସିନେଓଲେ ଓ ଅଧିକ ଆଲଫା-ଟରପିନାଇଲ୍ ଏସିଟେଟ୍ ଯୋଗୁଁ ଅଳେଇଚର ବାସ୍ନା ବାହାରକୁ ବାହାରିଥାଏ । ଫଳ ପାଚିବାର ପୂର୍ବ ଅବସ୍ଥାରେ ଏହି ରାସାୟନିକ ପଦାର୍ଥ ଗୁଡିକ ଅଧିକ ଦେଖାଯାଇଥାନ୍ତି । ଫଳ ତୋଳିବାରେ ଶତକଡା ୬୦ ପ୍ରତିଶତ ଖର୍ଚ୍ଚ ଲାଗିଥାଏ ।

**ଅମଳ ପରବର୍ତ୍ତୀ ଯତ୍ନ** :- ସଠିକ ଅକ୍ଷୁର୍ଣ୍ଣ ଅବସ୍ଥାରେ ଫଳତୋଳି ଧୋଇବା, ଶୁଖାଇବା, ସଫାକରିବା, ଛୋଟ ବଡ଼ ବାଛିବା ଓ ସାଇତି ରଖିବା ଇତ୍ୟାଦି କାର୍ଯ୍ୟକ୍ରମ ସୁଚାରୁ ରୂପେ କରିବା ଉଚିତ୍ ।

**ସ୍ଫୋଟକକୁ ସଫାକରିବା** :- ପାଣିରେ ଧୋଇ ସେଥିରେ ଲାଗିଥିବା ମାଟି ଓ ମଇଳାକୁ ସଫା କରିବା ଉଚିତ । ଅମଳ ପରେ ସ୍ଫୋଟକଗୁଡିକୁ ବେଶୀ ଦିନ ସାଇତି ରଖିବା ଉଚିତ୍ ନୁହେଁ । କାରଣ ଏହାର ଗୁଣ ଓ ମାନ ଖରାପ ହୋଇଯାଇଥାଏ ।

**ଶୁଖାଇବା** :- ଅମଳ ପରେ ସ୍ଫୋଟକ ଗୁଡିକୁ ଶୁଖାଇ ସେଥିରୁ ଜଳୀୟ ଅଂଶ ୮୦ ପ୍ରତିଶତରୁ ୧୦-୧୨ ପ୍ରତିଶତକୁ କମାଇ ଦିଆଯାଇଥାଏ । ମଞ୍ଜି ଓ ଫଳର ରଙ୍ଗ ଓ ଅନ୍ୟାନ୍ୟ ରାୟାନିକ ପଦାର୍ଥ ଯଥା : ୧-୮ ସିନେଓଲେ ଟର୍ପିନାଇଲ୍ ଏସିଟେଟ୍ ଲିନାଲୁଲ୍ ଇତ୍ୟାଦିର ଭାଗ ଓ ମାପ ଶୁଖାଇବା ଉପରେ ନିର୍ଭର କରିଥାଏ । ଶୁଖାଇବା ଯନ୍ତ୍ରରେ ୪୫ - ୫୫° ସେଲସିୟସ୍‌ରେ ୩ ରୁ ୪ ଘଣ୍ଟା ଶୁଖାଇ ସାରିବା ପରେ ପୁଣି ୬୦ ରୁ ୬୫° ସେଲସିୟସ୍ ୧ ରୁ ୨ ଘଣ୍ଟା ରଖାଯାଏ । ଏହା ଦ୍ୱାରା ଜଳୀୟ ବାଷ୍ପ କମ୍ ହୋଇଥାଏ ଓ ମଞ୍ଜିରେ ଥିବା ତୈଳ ଅଂଶ ଓ ରାସାୟନିକ ପଦାର୍ଥ କମିନଥାଏ । ବର୍ତ୍ତମାନ କିରୋସିନି, ପ୍ରେଟ୍ରୋଲିୟମ୍ ଗ୍ୟାସ ଓ ଡିଜେଲ୍ ଜାଳିତ ସ୍ଫୋଟକଶୁଖାଇବା ଯନ୍ତ୍ର ବାହାରି ସାରିଛି । ଏଥିରେ ସ୍ଫୋଟକ ଶୁଖାଇବା କାର୍ଯ୍ୟକ୍ରମ ସାଧାରଣତଃ ୧୬-୧୮ ଘଣ୍ଟା ନେଇଥାଏ । ସୂର୍ଯ୍ୟ କିରଣରେ ଶୁଖାଇବା ପାଇଁ ୫-୬ ଦିନ ଲାଗିଥାଏ । ଏହି ସମୟରେ କଳା ପଲିଥିନ ଘୋଡାଇ ଶୁଖାଇଲେ ସ୍ଫୋଟକ ଶୀଘ୍ର ଶୁଖିଥାଏ ଓ ଏହା ସବୁଜ ରଙ୍ଗ ବଜାଇ ରଖିଥାଏ ।



**ସ୍ଫୋଟକକୁ ଏକମଛା କରିବା ଓ ପ୍ୟାକିଙ୍ଗ୍ କରି ସଂରକ୍ଷଣ କରିବା** :-

ଶୁଖିଲା ସ୍ଫୋଟକକୁ ହାତ ଦ୍ୱାରା କିମ୍ବା ଯନ୍ତ୍ର ଦ୍ୱାରା ଘସି ସଫା କରାଯାଏ । ସ୍ଫୋଟକ ଗୁଡିକୁ ଆକାର ଓ ଆକୃତି ଯନ୍ତ୍ର ଦ୍ୱାରା ଏକ ମଛା କରିବା ଉଚିତ । ଏହାପରେ ସ୍ଫୋଟକରେ ଜଳୀୟବାଷ୍ପ ୧୦-୧୨ ପ୍ରତିଶତ ରଖି ତାକୁ ବହୁ ଦିନ ପର୍ଯ୍ୟପ୍ତ ସାଇତି ରଖାଯାଏ । ୩୦୦ ଗଜର କଳା ପଲିଥିନ୍ ଦ୍ୱାରା ପ୍ରସ୍ତୁତ ବ୍ୟାଗରେ ସାଇତି ରଖିଲେ ଏହାର ଗୁଣ ଓ ମାନ ବହୁତ ଦିନ ପର୍ଯ୍ୟନ୍ତ ରହିଥାଏ ।